## ସଂକ୍ଷେପରେ

### ନାଲ୍‌କୋ ପ୍ରତିଷ୍ଠା ରାଜୀବ ଗାନ୍ଧୀଙ୍କ ବଡ଼ ଅବଦାନ

ତାଳଚେର,୨୦।୮(ମନୋଜ ନନ୍ଦ)

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ତାଳଚେରର ଡେରା ଓଭରବ୍ରିଜ ସ୍ଥିତ ଶ୍ରମିକ ଭବନଠାରେ ପାଳିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡ଼ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସର ସଭାପତି ରାଜକିଶୋର ସାହୁ ରାଜୀବ ଗାନ୍ଧୀଙ୍କ ଭାରତ ପ୍ରତି ତଥା ଅନୁଗୋଳ ଜିଲା ପ୍ରତି ଥିବା ଅବଦାନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ନାଲ୍‌କୋ ପ୍ରତିଷ୍ଠା, କଣିହାଁରେ ଜାତୀୟ ତାପଜ ବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା ତାଙ୍କର ବଡ଼ ଅବଦାନ ଥିଲା। ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନା କରିଥିଲେ। ଗଣପତି ସାହୁ, ବୀରବର ସାହୁ, ପ୍ରହଲ୍ଲାଦ ସାହୁ, ମନୋଜ ପ୍ରଧାନ, ସୁଜିତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରଗତିର ସମ୍ପାଦକ ପ୍ରଭାତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ବାଲେଶ୍ୱର, ୨୦।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ସାହାଡ଼ା ପଞ୍ଚାୟତରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ସାହାଡା ଗ୍ରାମର ସନ୍ୟାସୀ ସେନାପତିଙ୍କ ୩ ବର୍ଷୀୟ ଶିଶୁକନ୍ୟା ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ଘର ନିକଟରେ ଖେଳୁଥିବା ବେଳେ ଅସାବଧାନତା ବଶତଃ ସେ ପୋଖରୀରେ ବୁଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

### ଦରଡ଼ା ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ବସ୍ତା, ୨୦।୮(ହରିଶଙ୍କର ପାଢ଼ି)- ବସ୍ତା ଥାନା ଅଧୀନ ଦରଡା ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଥିବା ଜଣାଯାଇଛି। ଅଭିଯୋଗ ମୁତାବକ ମଙ୍ଗଳବାର ସକାଳେ ପଞ୍ଚାୟତ କାର୍ଯ୍ୟାଳୟର ଫାଟକ ଖୋଲାଥିବା ଓ ତାଲା ଭାଙ୍ଗି ତଳେ ପଡ଼ିଥିଲା। ଏ ସମ୍ପର୍କରେ ସରପଞ୍ଚ ଥାନାରେ ଅଭିଯୋଗ କରିଥିଲେ। ବସ୍ତା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରି ସମୟରେ ଦୁର୍ବୃତ୍ତମାନେ ଗୋଟିଏ ଏଲ୍‌ଇଡ଼ି ଟିଭି ସହିତ ଅନ୍ୟାନ୍ୟ ସାମଗ୍ରୀ ସହିତ ଜରୁରୀ କାଗଜପତ୍ରକୁ ଲୁଟି ନେଇଛନ୍ତି। ଏନେଇ ବସ୍ତା ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

### ରାଜୀବ ଗାନ୍ଧୀଙ୍କ ଜୟନ୍ତୀ

ବାଲେଶ୍ୱର, ୨୦।୮(ବାଞ୍ଛାନିଧି ଦେ)- ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି।
କଂଗ୍ରେସର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ପୂର୍ବତନ ଜିଲା ଅଧ୍ୟକ୍ଷ ବିକାଶ କୁମାର ଦାସ ସଭାପତିତ୍ୱ କରିଥିଲେ। କଂଗ୍ରେସର ବରିଷ୍ଠ ନେତା ପଦ୍ମଲୋଚନ ଲେଙ୍କା, ବରିଷ୍ଠ ନେତ୍ରୀ ଅର୍ଚ୍ଚନା ନନ୍ଦି, ଗୋପୀନାଥ ପାଢ଼ୀ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଯୁବନେତା ସରୋଜ ଲେଙ୍କା, ରଞ୍ଜନ ଦାସ ଉପସ୍ଥିତ ଥିଲେ।

# ହେଉନି ରାସ୍ତା ମରାମତି, କମୁନି ହାତୀ ଉପଦ୍ରବ



ଅଖିଳ ଭାରତ କୃଷକ ସଭା, ନୀଳଗିରି ଶାଖା ପକ୍ଷରୁ ରାସ୍ତାରୋକୋ ଆନ୍ଦୋଳନ କରାଯାଉଛି।

**ଅଖିଳ ଭାରତ କୃଷକ ସଭା ତରଫରୁ ରାସ୍ତାରୋକୋ ଆନ୍ଦୋଳନ**

ନୀଳଗିରି, ୨୦।୮(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି-ବଉଳଗଡ଼ିଆ ରାସ୍ତାର ଦୁରବସ୍ଥା ଓ ହାତୀଙ୍କ ଉପଦ୍ରବରୁ ସୁରକ୍ଷା ନେଇ ଅଖିଳ ଭାରତ କୃଷକ ସଭା, ନୀଳଗିରି ଶାଖା ତରଫରୁ ବାଉଁଶବଣିଆ ଛକଠାରେ ମଙ୍ଗଳବାର ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ନୀଳଗିରି ତହସିଲଦାର, ନୀଳଗିରି ଥାନା ଆଇଆଇସି, କୁଲଡ଼ିହା ରେଞ୍ଜର ପହଞ୍ଚି ସୋଲାର ଫିନ୍ସିଂ ପାଇଁ ଗତ ଜୁଲାଇ ୧୯ରେ ରାଜ୍ୟ ସରକାରଙ୍କଠାରୁ ଅନୁମୋଦନ ଅର୍ଥ ବରାଦ ହୋଇଥିବା ଅବିକଳ ନକଲ ଆନ୍ଦୋଳନକାରୀଙ୍କୁ ପ୍ରଦାନ କରିଥିଲେ। ସେହିପରି ବାଲେଶ୍ୱର ଡିଏଫ୍‌ଓ ୨ ସପ୍ତାହ ମଧ୍ୟରେ ନୀଳଗିରି ବଉଳଗଡ଼ିଆ ରାସ୍ତାର ପାର୍ଶ୍ୱରେ ଥିବା ଗଛଗୁଡ଼ିକୁ କଟାଯିବାର ଟେଲିଫୋନ ଯୋଗେ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ନୀଳଗିରି ଉପଖଣ୍ଡ ସଦର ମହକୁମାକୁ ସଂଯୋଗ କରୁଥିବା ନୀଳଗିରି-ବଉଳଗଡ଼ିଆ (ପିଡବ୍ଲ୍ୟୁଡି) ରାସ୍ତା ତଥା ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କ ପାଇଁ ପ୍ରମୁଖ ମାର୍ଗ ଏବେ ମରଣଯନ୍ତା ପାଲଟିଛି। ବିଭିନ୍ନ ସମୟରେ ଦୁର୍ଘଟଣାରେ ବହୁ ଲୋକଙ୍କ ପ୍ରାଣହାନି ଘଟୁଛି। ରାଜ୍ୟ ସରକାର ଉକ୍ତ ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ ପାଇଁ ଗତ ୨୦୨୩ରେ ୩୨ କୋଟି ଅର୍ଥ ବ୍ୟୟବରାଦରେ ରାସ୍ତା ନିର୍ମାଣ ପାଇଁ ପଶ୍ଚିମବଙ୍ଗର କନଷ୍ଟ୍ରକଶନ କମ୍ପାନୀ କାର୍ଯ୍ୟ କରିବା ପାଇଁ ଚୁକ୍ତି ହୋଇଥିଲା। ତାହାର ଅବଧି ୨୦୨୪ ମସିହା ୧୫ ଏପ୍ରିଲରେ ଶେଷ ହୋଇଥିଲେ ବି ରାସ୍ତାପାର୍ଶ୍ୱରେ ଥିବା ଗଛଗୁଡ଼ିକ କାଟିବା ପାଇଁ ବନବିଭାଗ ଅନୁମତି ଦେଇ ନ ଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ହୋଇପାରୁ ନ ଥିବାରୁ ଗଛ ଅବରୋଧର ଦ୍ୱାହି ଦେଇ ଠିକାଦାର କାମ ବନ୍ଦ କରିଦେଇଛନ୍ତି। ସେହିପରି ବନ ବିଭାଗର ଅବହେଳା ପାଇଁ ଦେବଗିରି ପାହାଡ ପାଦଦେଶରେ ସୋଲାର ଫିନ୍ସିଂ ବା ସୌରବାଡ ନ ହେବା କାରଣରୁ କୁଲଡ଼ିହା ଅଭୟାରଣ୍ୟର ହାତୀ ଦୈନନ୍ଦିନ ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଅଭୟାରଣ୍ୟ ପାଦଦେଶ ଅଞ୍ଚଳରେ ଜନବସତିମୁହାଁ ହୋଇ ଚାଷଜମି ନଷ୍ଟ କରୁଛନ୍ତି। ଏଭଳିକି ହାତୀ ଆକ୍ରମଣରେ ବହୁ ଲୋକଙ୍କ ପ୍ରାଣହାନି ଘଟିଛି। ଏହାକୁ ପ୍ରତିବାଦ କରି ଏହି ରାସ୍ତାରୋକୋ ଆନ୍ଦୋଳନ ହୋଇଥିଲା। ଅନିରୁଦ୍ଧ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ସିପିଆଇ ଜିଲା ସମ୍ପାଦକ ନିରଞ୍ଜନ ବାରିକ, କୃଷକ ସଭା ନୀଳଗିରି ସମ୍ପାଦକ ବିଜୟ କୁମାର ସ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ରାମଚନ୍ଦ୍ର ବେହେରା, କରୁଣାକର ପରିଡ଼ା, ଅଜୟ କୁମାର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଅମର ପଟ୍ଟନାୟକ, କମଳାକାନ୍ତ ବାରିକ, ପ୍ରକାଶ ଚନ୍ଦ୍ର ଚୌଧୁରୀ ପ୍ରମୁଖ ଅଞ୍ଚଳବାସୀ ସାମିଲ ହୋଇଥିଲେ।

## ସଂସ୍କୃତକୁ ତୃତୀୟ ଭାଷା ରୂପେ ଗ୍ରହଣ କରିବାକୁ ଦାବି


ବିଶ୍ୱ ସଂସ୍କୃତ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

ଢେଙ୍କାନାଳ ଅଫିସ,୨୦।୮(ରତନ ନାୟାର)

ଢେଙ୍କାନାଳ ବଳରାମ ମନ୍ଦିର ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ବିଶ୍ୱ ସଂସ୍କୃତ ଦିବସ ଓ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବଡ଼ଜେନା ସାହିତ୍ୟ ସଂସଦର ସଭାପତି କବି ଶଙ୍କର୍ଷଣ ଶତପଥୀଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଡ. ନିରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଂଯୋଜକ କବି ବାହାଦୁର ପାଟସାହାଣୀ ଏବଂ ଅନୁଷ୍ଠାନର ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି, ସମ୍ମାନନୀୟ ଆଲୋଚକ ଅଧ୍ୟାପକ ମଙ୍ଗରାଜ ମହାପାତ୍ର ଓ କବି କେଶବ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ଛଦେଶ ସାହିତ୍ୟ ସଂସଦର ସଭାପତି କବି ନିଳମଣୀ ମହାରଣାଙ୍କ ସଭାପତିତ୍ୱରେ ଏକ ଜିଲାସ୍ତରୀୟ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଉପସଭାନେତ୍ରୀ ପ୍ରଭାତି ମହାପାତ୍ର ଓ ଲୋକନାଥ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ନିବେଦିତା ରଥ ଓ ମଙ୍ଗରାଜ ମହାପାତ୍ର କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ଏଥିରେ ୩୦ ଜଣ କବି ଯୋଗଦେଇ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ସର୍ବସମ୍ମତି କ୍ରମେ ସଂସ୍କୃତ ଭାଷାକୁ ତୃତୀୟ ଭାଷା ରୂପେ ଗ୍ରହଣ କରିବାକୁ ସରକାରଙ୍କ ପାଖରେ ଦାବି ଉପସ୍ଥାପନା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ପ୍ରମୋଦ କୁମାର ପରିଡା ପରିଚାଳନା କରିଥିଲେ। ଶେଷରେ ରକ୍ଷା ବନ୍ଧନ କରାଯାଇ ବନ୍ଦିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଏମ୍‌ଆର୍‌କୁ ବ୍ରିଟିଶ ସେଫ୍‌ଟି କାଉନସିଲ ପଞ୍ଚତାରକା ରେଟିଂ


ପଞ୍ଚତାରକା ରେଟିଂ ପାଇଥିବା ଜିକେଇଏଲ୍‌ର ସଦସ୍ୟମାନେ।

ଢେଙ୍କାନାଳ ଅଫିସ,୨୦।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଜିଏମ୍‌ଆର କମଳାଙ୍ଗ ଏନର୍ଜୀ ଲିମିଟେଡ୍ (ଜିକେଇଏଲ୍)କୁ ବ୍ରିଟିଶ୍ ସେଫଟି କାଉନସିଲ ପକ୍ଷରୁ ପଞ୍ଚତାରକା ରେଟିଂ ପ୍ରଦାନ କରାଯାଇଛି । ଜିକେଇଏଲ୍‌ରେ ଚାଲୁ ରହିଥିବା ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧିୟ କାର୍ଯ୍ୟ ପଦ୍ଧତିକୁ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରାଯାଇ ବ୍ରିଟିଶ ସେଫ୍‌ଟି କାଉନସିଲ ରେଟିଂ ପ୍ରଦାନ କରିଛି । ଜିକେଇଏଲ୍ ସବୁବେଳେ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ଉତ୍ତମ କାର୍ଯ୍ୟ କରି ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରଶଂସିତ ହୋଇଛି। କମ୍ପାନୀର ବୃତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧୀୟ ନୀତି, ଅଭ୍ୟାସ ଓ କାର୍ଯ୍ୟ ପଦ୍ଧତି ଇତ୍ୟାଦି ୫୦ରୁ ମୌଳିକ ବସ୍ତୁକୁ ତର୍ଜମା କରି ବ୍ରିଟିଶ ସେଫ୍‌ଟି କାଉନସିଲ ରେଟିଂ ଦେଇଛି । କାଉନସିଲ ସିଇଓ ମାଇକ୍ ରବିନସନ ଜିକେଇଏଲ୍‌କୁ ପ୍ରଶଂସା କରିଛନ୍ତି। ଜିଏମ୍‌ଆର ଏନର୍ଜୀ ସିଇଓ ଆଶିଷ ବାସୁ ଏହି ସଫଳତା ପାଇଁ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଦିନରେ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧୀୟ ଉତ୍ତମ କାର୍ଯ୍ୟ ଜାରି ରଖିବାକୁ ଏହା ପ୍ରେରଣା ଦେବ ବୋଲି ସେ କହିଛନ୍ତି ।

## ଦାଦାଙ୍କୁ ଠେଙ୍ଗାରେ ଆକ୍ରମଣ

ବଇଣ୍ଡା, ୨୦।୮(ପରିକ୍ଷୀତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମର ପଦ ସାହୁଙ୍କୁ ତାଙ୍କ ପୁତୁରା ଧିର ସାହୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ମଙ୍ଗଳବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରିଛି। ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ପଦ ଘରେ ଶୋଇଥିବା ବେଳେ ଧିର ଆସି ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

## ପାଟରା ସମାଜ ପକ୍ଷରୁ ରକ୍ଷାବନ୍ଧନ



ପାଟରା ସମାଜର କର୍ମକର୍ତ୍ତାମାନେ ଉତ୍ସବ ପାଳନ କରୁଛନ୍ତି।

ଭୁବନ ୨୦।୮(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ପାଟରା ସମାଜ ପକ୍ଷରୁ ବଳଭଦ୍ରଙ୍କ ଜନ୍ମଦିନ ପାଳନ ଓ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି। ପାଟରା ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଜଗନ୍ନାଥ ମନ୍ଦିରକୁ ଯାଇ ବଳଭଦ୍ରଙ୍କ ସହିତ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ରାକ୍ଷୀ ପିନ୍ଧାଇ ବନ୍ଦାପନା କରି ଆଜ୍ଞାମାଳ ଅଣାଯାଇଥିଲା। ସନ୍ଧ୍ୟାରେ ବଳଭଦ୍ରଙ୍କ ଚଳନ୍ତି ପ୍ରତିମାକୁ ନେଇ ସହର ପରିକ୍ରମା କରାଯାଇଥିଲା। ପାଟରା ସମାଜର ସଭାପତି ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ପାଳନ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ସାହୁ, ସମ୍ପାଦକ ମନୋଜ କୁମାର ସାହୁ, ଉପସଭାପତି ସମରେନ୍ଦ୍ର ମହାନ୍ତି, ସହସମ୍ପାଦକ କାଳନ୍ଦୀ ଚରଣ ସାହୁ ଓ କୋଷାଧ୍ୟକ୍ଷ ନନ୍ଦକିଶୋର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଡିଏଭି ସ୍କୁଲରେ ସଂସ୍କୃତ ଦିବସ



ସଂସ୍କୃତ ଦିବସ ପାଳନ ଉତ୍ସବରେ ଅଧକ୍ଷା ଅଧକ୍ଷଙ୍କ ସହ ଛାତ୍ରୀଛାତ୍ରମାନେ ଯୋଗଦେଇଛନ୍ତି।

ତାଳଚେର,୨୦।୮(ମନୋଜ ନନ୍ଦ)

ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ, ଅନନ୍ତବିହାର ପରିସରରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଜ୍ୟୋତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉତ୍ସବକୁ ଉଦଘାଟନ କରିଥିଲେ। ଅଧକ୍ଷା ସଂସ୍କୃତ ଭାଷାର ପ୍ରାଚୀନତା ତଥା ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ସଂସ୍କୃତ ବିଭାଗର ବରିଷ୍ଠ ଶିକ୍ଷକ ସୁବ୍ରତ ପାଣି ସଂସ୍କୃତ ଭାଷାର ବ୍ୟାପକତା ତଥା ମହନୀୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଦିବସ ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତ ସଙ୍ଗୀତ ଗାନ, ନୃତ୍ୟ ପରିବେଷଣ, ଗୀତା ଶ୍ଳୋକ ପାଠ, ଅଭିଭାଷଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରବିନାରାୟଣ ପଣ୍ଡା ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଡକ୍ଟର ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କାପୁଡ଼ିଆ ସମାଜ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ

ଭୁବନ, ୨୦।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ କାପୁଡିଆ ସମାଜ ପକ୍ଷରୁ ରକ୍ଷା ପନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ବେହେରାସାହିସ୍ଥିତ କାପୁଡିଆ ସମାଜ ପକ୍ଷରୁ ରୀତିନୀତି ଅନୁଯାୟୀ ସକାଳ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବଳଦେବଜୀଉଙ୍କ ନିକଟରେ ଧୁପ, ଦୀପ ଓ ହୋମ କରାଯାଇ ଗୋପୂଜନ ଓ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା। ପରେ କାପୁଡିଆ ସମାଜର ବରିଷ୍ଠ ସଦସ୍ୟ, ସମସ୍ତ ବେହେରା ଓ ପରିମାଣିକଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବଳଦେବଜୀଉଙ୍କ ଚଳନ୍ତି ପ୍ରତିମାକୁ ବିମାନ ଯୋଗେ ସହର ପରିକ୍ରମା କରାଯାଇଥିଲା। ଯାତ୍ରାକୁ କାପୁଡିଆ ସମାଜର ସଭାପତି ରାମଚନ୍ଦ୍ର ରାଉତ


ଉତ୍ସବରେ କାପୁଡ଼ିଆ ସମାଜର ସଦସ୍ୟ ଓ ଅନ୍ୟ ଅତିଥିମାନେ।

ପରିଚାଳନା କରିଥିବା ବେଳେ ରାଜ୍ୟ ସଭାପତି ନବକିଶୋର ଗୁରୁ ଓ ଢେଙ୍କାନାଳ ଜିଲା ସଭାପତି ଖଗେଶ୍ୱର ନାୟକ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ବିଦ୍ୟାଧର ବିହାରୀ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ହେରା, ସହସମ୍ପାଦକ ସନ୍ତୋଷ କୁମାର ବିହାରୀ ଓ କୋଷାଧ୍ୟକ୍ଷ ସତ୍ୟାନନ୍ଦ ପୃଷ୍ଟି ବାର୍ଷିକ ଉତ୍ସବକୁ ସମାପନ କରିଥିଲେ।

## ବିଜୟକୃଷ୍ଣ ଗୋସ୍ୱାମୀଙ୍କ ଜନ୍ମବାର୍ଷିକୀ

ଢେଙ୍କାନାଳ ଅଫିସ,୨୦।୮(ରତନ ନାୟାର)

ଢେଙ୍କାନାଳ ଦଧିବାବନଜୀଉ ମଠରେ ସୋମବାର ଶ୍ରୀଶ୍ରୀ ବିଜୟକୃଷ୍ଣ ଗୋସ୍ୱାମୀଙ୍କର ଜନ୍ମବାର୍ଷିକ ପାଳିତ ହୋଇଯାଇଛି। ରାକ୍ଷୀ ପୂର୍ଣ୍ଣିମା ତିଥି ଅବସରରେ ଅନୁଷ୍ଠିତ ଏହି ଜନ୍ମବାର୍ଷିକୀରେ ଗୋସ୍ୱାମୀଙ୍କର ସ୍ମୃତିଚାରଣ କରାଯାଇଥିଲା। ଦାମୋଦର ସାହୁ, ବିରଞ୍ଚି ନାରାୟଣ ପଟ୍ଟନାୟକ, ଚନ୍ଦନ ମିଶ୍ର, ଆର୍ଯ୍ୟରତ୍ନ ଚକ୍ରଧର, ବ୍ରଜକିଶୋର ପାତ୍ର, ନୃସିଂହ ଚରଣ ପାଣି, ରାସବିହାରୀ ଭୁତିଆ, ଟୁଟୁଭାଇ, ରାମଚନ୍ଦ୍ର ନନ୍ଦ ସରସ୍ୱତୀ, ସୁବୋଧ ମହାନ୍ତି, ପ୍ରଦୀପ କୁମାର ସାହୁ ଓ ସୁବାସ ବାରିକ ପ୍ରମୁଖ ଯୋଗ ଦେଇଥିଲେ ।


ଶ୍ରୀଶ୍ରୀ ବିଜୟକୃଷ୍ଣ ଗୋସ୍ୱାମୀଙ୍କ ଜନ୍ମ ବାର୍ଷିକ।

# ବର୍ଦ୍ଧିତ ଭତ୍ତା ଦାବିରେ ଗଣବିକ୍ଷୋଭ

ଜଳେଶ୍ୱର, ୨୦।୮(ନବୀନ ସାହୁ)

ଜଳେଶ୍ୱର ବ୍ଲକ ବିଜେଡ଼ି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଓ ଗଣବିକ୍ଷୋଭ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଛି। ସମସ୍ତ ବର୍ଗର ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଦାବିରେ ଜଳେଶ୍ୱର ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲା।

ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ରାଜ୍ୟରେ କ୍ଷମତାକୁ ଆସିବା ପାଇଁ ଭାଜପା ନିର୍ବାଚନ ଇସ୍ତାହାରରେ ବିଧବା, ବିକଳାଙ୍ଗ, ସ୍ୱାମୀ ପରିତ୍ୟକ୍ତା, ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଲୋକଙ୍କୁ ମାସକୁ ୩ହଜାର ଟଙ୍କା ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ୩,୫୦୦ ଟଙ୍କା, ସୁଭଦ୍ରା ଯୋଜନା ମାଧ୍ୟମରେ ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଟଙ୍କାର ଭାଉଚର, ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତିନିମାସ ବିତିଯାଇଥିଲେ ମଧ୍ୟ ସମସ୍ତ ଭତ୍ତାଧାରୀ ୩ ହଜାର ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ମିଥ୍ୟା ପ୍ରତିଶ୍ରୁତି ବାବଦରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସମଗ୍ର ରାଜ୍ୟରେ ଜନଜାଗରଣ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ନିର୍ବାଚନମଣ୍ଡଳୀର ୪୯ଟି ପଞ୍ଚାୟତ ସମେତ ଜନବହୁଳ ସ୍ଥାନ, ବ୍ଲକ, ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ଜନଜାଗରଣ ସଭା ଅନୁଷ୍ଠିତ ହେବ। ଏଥିରେ ଭାଜପାର ମିଥ୍ୟା ପ୍ରତିଶ୍ରୁତି ବାବଦରେ ଲୋକମାନଙ୍କୁ ସଚେତନ କରାଯିବ। ଆସନ୍ତା ଦିନରେ


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ଗଣବିକ୍ଷୋଭ।

**ଜିଲାପାଳଙ୍କୁ ଦାବିପତ୍ର**

ଯଦି ରାଜ୍ୟ ସରକାର ସମସ୍ତ ଭତ୍ତାଧାରୀଙ୍କୁ ୩ହଜାର ଟଙ୍କା ଲେଖାଏଁ ନ ଦିଅନ୍ତି ତେବେ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଜୋରଦାର କରିବ ବୋଲି କୁହାଯାଇଛି। ଜିଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଜେଡି ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାର, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜଳେଶ୍ୱର ପୌରପାଳିକା ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ତପନ ଦାସ, ସୁରଜିତ ଘୋଷ, ବ୍ରିଜେଶ ରଣାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓ ପୁନମ ରାଉତଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ୩ ବଖରା ଜଳିଗଲା

ପରଜଙ୍ଗ, ୨୦।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଡମୋଳ ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଗାଁର ଦୟାନିଧି ବେହେରାଙ୍କ ଘରେ କୌଣସି କାରଣ ବଶତଃ ବିଦ୍ୟୁତ୍ ଶର୍ଟସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। କ୍ଷଣକ ମଧ୍ୟରେ ନିଆଁ ସବୁ କିଛି ଜାଳିପୋଡି ପାଉଁଶ କରିଦେଇଥିଲା। ଖବର ପାଇ ପରଜଙ୍ଗ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ତେବେ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ସହ କିଛି ଦରକାରୀ କାଗଜପତ୍ର ପୋଡ଼ିଯାଇଥିବା ଜଣାପଡିଛି। ଅଗ୍ନିବିପନ୍ନଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ଛେଣ୍ଡିପଦା, ୨୦।୮ (ଲମ୍ବୋଦର ସାହୁ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୋଲିସ ବୁଧବାର ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଜୁନ ୧୫ରେ କମ୍ପସଲା ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ବେଆଇନ ମଦ ବିକ୍ରି ହେଉଥିବା ଖବରପାଇ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ବେଆଇନ ମଦ ବିକ୍ରି କରୁଥିବା କମ୍ପସଲା ଗ୍ରାମର ଅଶୋକ ବିଶ୍ୱାଳ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣା ସ୍ଥଳରୁ ୨ଟି ଜାରକିନରେ ଥିବା ୨୦ଲିଟର ଦେଶୀ ମଦ ଜବତ କରିଥିଲା। ଏ ନେଇ ଛେଣ୍ଡିପଦା ଥାନାରେ ପୋଲିସ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଚଳାଇଥିଲା। ମଙ୍ଗଳବାର ସକାଳେ ଖବର ପାଇ ପୋଲିସ କମ୍ପସଲା ଗ୍ରାମରେ ଚଢ଼ାଉ କରି ଅଶୋକ ବିଶ୍ୱାଳକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ପୋଖରୀରେ ବୁଡ଼ି ଶିଶୁ ମୃତ

ଢେଙ୍କାନାଳ ଅଫିସ, ୨୦।୮ (ରତନ ନାୟାର)

ଢେଙ୍କାନାଳ ସଦର ଥାନା ଦଧିଖାଇ ଗ୍ରାମରେ ଏକ ଅଘଟଣ ଘଟିଯାଇଛି। ଗ୍ରାମ ନିକଟ ପୋଖରୀରେ ବୁଡି ଜଣେ ଶିଶୁଙ୍କର ମୃତ୍ୟୁ ଘଟିଛି। ସରୋଜ ଦାସଙ୍କ ପୁଅ ଜିତେଶ୍ୱର ମଙ୍ଗଳବାର ଅପରାହ୍ନରେ ଗ୍ରାମ ନିକଟ ପୋଖରୀକୁ ଶୌଚ ହେବାକୁ ଯାଇ ଆଉ ଫେରି ନଥିଲେ। ପରିବାର ଲୋକ ତାଙ୍କୁ ନପାଇ ଖୋଜାଖୋଜି କରିବା ବେଳେ ଗ୍ରାମ ନିକଟ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବଅଁରପାଳ ହାଟରୁ ବାଇକ୍ ଚୋରି

ବଅଁରପାଳ, ୨୦।୮ (ସୁବାସ ସାହୁ)

ବଅଁରପାଳ ହାଟରୁ ଏକ ବାଇକ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ସପ୍ତାହର ମଙ୍ଗଳବାର ହାଟ ହୋଇଥାଏ। କଟକ ନିଆଳି ଅଞ୍ଚଳର ଯୁବକ ପାର୍ଥସାରଥି ନନ୍ଦ ସ୍ଥାନୀୟ ବଅଁରପାଳ ଅଞ୍ଚଳରେ ଭଡାରେ ରୁହନ୍ତି। ଆଜି ସେ ହାଟକୁ ଆସିଥିବା ବେଳେ ବାହାରେ ଗାଡ଼ି ରଖି ବଜାରକୁ ଯାଇଥିଲେ। ହାଟ ସାରି ଫେରିବା ପରେ ରଖିଥିବା ସ୍ଥାନରେ ଗାଡ଼ି ନ ଥିବା ପରେ ବହୁ ଖୋଜାଖୋଜି କରି ନିରାଶ ହୋଇ ଘରକୁ ଫେରିଥିଲେ। ଏ ନେଇ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଅଜଣା ରୋଗରେ ୧୦ ଗୋରୁ ମୃତ

ଛେଣ୍ଡିପଦା, ୨୦।୮ (ଲମ୍ବୋଦର ସାହୁ)

ଅନୁଗୋଳ ଜିଲା ଛେଣ୍ଡିପଦା ଗାଁରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ୧୦ ଗୋରୁଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଫଳରେ ଚାଷୀମାନଙ୍କୁ ବହୁ କ୍ଷତି ସହିବାକୁ ପଡ଼ିଛି। ଗତ ଦୁଇ ମାସ ମଧ୍ୟରେ ଗ୍ରାମରେ ଗୋ ପାଳନ କରୁଥିବା ଚାଷୀମାନଙ୍କ ଗାଈ, ବାଛୁରୀ, ବଳଦ ମିଶି ୧୦ରୁ ଅଧିକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଛନ୍ତି। ଛେଣ୍ଡିପଦାର ବୈଦ୍ୟନାଥ ପ୍ରଧାନ, ନରୋତ୍ତମ ପ୍ରଧାନଙ୍କ ୪ଟି ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ମନୋଜ ବେହେରା ଓ ଶରତ ଦେହୁରୀଙ୍କ ଗୋଟିଏ ଲେଖାଏଁ ଗୋରୁଙ୍କର ମୃତ୍ୟୁ ଘଟିଛି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାରଣ ଜଣାପଡୁନାହିଁ କି ବିଭାଗୀୟ ପ୍ରାଣୀସମ୍ପଦ ବିଭାଗ ଅଧିକାରୀ କି ସ୍ଥାନୀୟ ଗୋଷ୍ଠୀ ପଶୁଚିକିତ୍ସା କେନ୍ଦ୍ର ଅଧିକାରୀ ଦେଖିବାକୁ ଆସୁନାହାନ୍ତି। ଯଥାଶୀଘ୍ର ବିଭାଗୀୟ ଅଧିକାରୀ ପଦକ୍ଷେପ ନ ନେଲେ ଏହି ଅଜଣା ରୋଗରେ ଅନେକ ଗୋରୁଙ୍କ ମୃତ୍ୟୁ ଘଟିବା ସମ୍ଭାବନା ଦେଖାଦେଇଛି। ଫଳରେ ଚାଷୀମାନେ ନିଜର ଜୀବିକା ହରାଇବେ ବୋଲି ଚାଷୀ ପ୍ରକାଶ କରିଛନ୍ତି। ଏ ନେଇ ଛେଣ୍ଡିପଦା ଗୋଷ୍ଠୀ ଚିକିତ୍ସା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପୋଲିସ ମୁତୟନରେ କାମ ଆରମ୍ଭକୁ ବିରୋଧ


ଲୋକମାନଙ୍କ ଦାବି ନ ଶୁଣି ପୋଲିସ ଉପସ୍ଥିତିରେ ବ୍ରିଜ କାମ ଆରମ୍ଭକୁ ବିରୋଧ କରି ଅଞ୍ଚଳବାସୀ ବିକ୍ଷୋଭ କରୁଛନ୍ତି।

## ଜାତୀୟ ରାଜପଥ ଅବରୋଧ ଚେତାବନୀ

ବଇଣ୍ଡା, ୨୦।୮ (ପରିକ୍ଷୀତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ୫୫ ନମ୍ବର ଜାତୀୟ ରାଜପଥର ବଇଣ୍ଡାଠାରେ ହେଉଥିବା ଫ୍ଲାଏ ଓଭର ବ୍ରିଜ୍‌ରେ ଆଉ ୩ଟି ଅଣ୍ଡରପାସ ନିର୍ମାଣକୁ ନେଇ ବିବାଦ ତେଜିବାରେ ଲାଗିଛି। ମଙ୍ଗଳବାର ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ଦାବିକୁ ଅଣଦେଖା କରାଯାଇ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରି କାମ ଆରମ୍ଭ କରାଯାଇଥିବା ବେଳେ ଏହାକୁ ଅଞ୍ଚଳବାସୀ ବିରୋଧ କରି ଆନ୍ଦୋଳନ କରିଛନ୍ତି। ଏନେଇ ଉତ୍ତେଜନା ଦେଖାଦେବା ପରେ କାମ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ନୂତନ ଅଣ୍ଡରପାସ ନିର୍ମାଣ କରା ନ ଯିବା ପର୍ଯ୍ୟନ୍ତ କାମକୁ ବିରୋଧ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ବ୍ରିଜ କାମ କିପରି ଶୀଘ୍ର ଶେଷହେବ ସେ ନେଇ ଠିକାସଂସ୍ଥା ପକ୍ଷରୁ ପ୍ରଶାସନ ଜରିଆରେ କାମ ଆରମ୍ଭ କରିବା ପାଇଁ ଯୋଜନା କରୁଥିବା ବେଳେ ଅଞ୍ଚଳବାସୀ ଏହାକୁ ବିରୋଧ କରିଛନ୍ତି। ଗ୍ରାମ ସଭାପତି ରାଜ କୁମାର ଅଗ୍ରୱାଲା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାଗିରଥି ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଗ୍ରାମ ଉପସଭାପତି ଅରବିନ୍ଦ ସାହୁ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ପୂର୍ବତନ ସରପଞ୍ଚ ଜଳଧର ସାହୁ, ବରିଷ୍ଠ ନାଗରିକ, ଜିତେନ୍ଦ୍ର ବେହେରା, ଗିରିଶ ଚନ୍ଦ୍ର ବେହେରା, ଜମ୍ବେଶର ସାହୁ, ଶୁଭେନ୍ଦୁ ମୋହନ ସାହୁଙ୍କ ସମେତ ଗ୍ରାମବାସୀ ଉକ୍ତ ବ୍ରିଜଠାରେ ପହଞ୍ଚି କାମ ବନ୍ଦ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ, ଏନ୍‌ଏଚ୍‌ଆଇ ପ୍ରୋଜେକ୍ଟ ମ୍ୟାନେଜର ସଚିନ ସାହୁ, ଆଠମଲ୍ଲିକ ଏସ୍‌ଡିପିଓ ବାଲକୃଷ୍ଣ କଅଁର, ହଣ୍ଡପା ଆଇଆଇସି ନମିତା ନାୟକ, ଆଇଆଇସି ନଟବର ନନ୍ଦଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ଗ୍ରାମବାସୀ ବିରୋଧ କରିଥିଲେ। ସେମାନେ କହିଥିଲେ ଯେ, ବଇଣ୍ଡା ଅଞ୍ଚଳରେ ଫ୍ଲାଏ ଓଭର ବ୍ରିଜ ତଳେ ଆଉ ୩ଟି ଅଣ୍ଡରପାସ ନିର୍ମାଣ କରିବା ପାଇଁ ଦୀର୍ଘ ୮ମାସ ହେବ ଦାବି ହୋଇଆସୁଛି। ଏହି ଅଞ୍ଚଳ ଜନଗହଳିପୂର୍ଣ୍ଣ ହୋଇଥିବା ବେଳେ ଫ୍ଲାଏ ଓଭର ବ୍ରିଜ ପାଇଁ ବଇଣ୍ଡା ଅଞ୍ଚଳରେ ବ୍ୟବସାୟୀମାନେ ବହୁ କ୍ଷତି ସହିବେ। ଏଥିସହ ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟକୁ ଯିବା ଆସିବା ପାଇଁ ଛାତ୍ରୀଛାତ୍ରମାନେ ହଇରାଣ ହେବେ। ଅନେକ ଦିନ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ମିଳିନଥିବା ଯୋଗୁଁ ଅଞ୍ଚଳବାସୀ ପୂର୍ବରୁ ସମ୍ବଲପୁର ଏନ୍‌ଏଚ୍‌ଆଇ ପିଡିଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ପରେ ବଇଣ୍ଡା ବନ୍ଦ ପାଳନ କରିଥିଲେ। ଏନ୍‌ଏଚ୍‌ଆଇ ଆରଓ ବିରେନ୍ଦ୍ର ସିଂ, ସମ୍ବଲପୁର ପିଡି ଏସ. ଦେହୁରି ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରି ଫ୍ଲାଏ ଓଭର ବ୍ରିଜ ହୋଇଥିବା ସ୍ଥାନଠାରୁ ୫୦ ମିଟର ଛାଡି କାମ କରିବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେବା ସହ ଅଞ୍ଚଳବାସୀଙ୍କ ଦାବିକୁ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଠିକାସଂସ୍ଥା ପକ୍ଷରୁ ବ୍ରିଜ ନିକଟରୁ କାମ ଆରମ୍ଭ କରାଯାଇଥିଲା, ଯାହାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାମ ବନ୍ଦ ରହିବାକୁ ଚେତାବନୀ ଦେଇଛନ୍ତି। ନଚେତ ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ଦୁଇ ଦିନ ମଧ୍ୟରେ ଏ ନେଇ ଅଞ୍ଚଳବାସୀଙ୍କୁ ସୂଚନା ଦିଆଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଛନ୍ତି।

# ୩୫ ଅଭିଯୋଗ ଶୁଣିଲେ ଜିଲାପାଳ


ଜନଶୁଣାଣିରେ ଜିଲାପାଳଙ୍କ ସହ ଅନ୍ୟ ପଦାଧିକାରୀ।

ଅନୁଗୋଳ ଅଫିସ, ୨୦।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦୁଲ ମହମ୍ମଦ ଅକ୍ତରଙ୍କ ଅଧ୍ୟକ୍ଷତା କରିଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୩୫ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ବେଉରିଆ, ଅନୁଗୋଳ ଉପଜିଲାପାଳ ବରଣେନ୍ଦୁ ମହାନ୍ତି, ତହସିଲଦାର ଆଶିଷ କୁମାର ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଭୂଷଣ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ, ସହକାରୀ ଜିଲାପାଳ ସୁକାନ୍ତ କୁମାର ସାହୁଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# ମେଡିକାଲ କର୍ମଚାରୀଙ୍କ ଆନ୍ଦୋଳନ

କାମାକ୍ଷାନଗର, ୨୦।୮ (ସୁଧୀର ପରିଡ଼ା)

କୋଲକାତାଠାରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟାକୁ ନେଇ ସାରା ଦେଶରେ ପ୍ରତିବାଦ କରାଯାଉଥିବା ବେଳେ ମଙ୍ଗଳବାର କାମାକ୍ଷାନଗର ମେଡିକାଲ ଅଫିସର ଡାକ୍ତର ସିଦ୍ଧାର୍ଥ ବେଉରିଆଙ୍କ ନେତୃତ୍ୱରେ ସମସ୍ତ ଡାକ୍ତର ଓ କର୍ମଚାରୀ କଳା ବ୍ୟାଜ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହାତରେ ଫ୍ଲାଗକାର୍ଡ ଧରି ପ୍ରତିବାଦ କରିଛନ୍ତି। ଡାକ୍ତରମାନଙ୍କୁ ଡ୍ୟୁଟି ସମୟରେ ସୁରକ୍ଷା ଦେବାକୁ ଦାବି କରିବା ସହ ମୃତ ମହିଳା ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଆଉଟଡୋର ସେବାକୁ ବନ୍ଦ କରିବା ସହ କେବଳ ଜରୁରିକାଳୀନ ସେବା ଜାରି ରଖିବେ ବୋଲି ଡାକ୍ତରମାନେ କହିଛନ୍ତି। ଚିକିତ୍ସିତ ହେବାକୁ ଆସୁଥିବା ରୋଗୀମାନେ ଯେପରି କୌଣସି ସମସ୍ୟାର ସମ୍ମୁଖିନ ନହେବେ ସେଥିପାଇଁ ଜରୁରିକାଳିନ ସେବା ଜାରିରହିବ ବୋଲି ମେଡିକାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଦିଗମ୍ବର ସାହୁ କହିଛନ୍ତି। ଏହି ଆନ୍ଦୋଳନରେ ଡା. ମିଥୁନ ମେହେର, ରିତେଶ ପଣ୍ଡା, ରାମ ଗୋବିନ୍ଦ ମହାନ୍ତି, ଇନ୍ଦିରା ମିଶ୍ର, ଐଶ୍ୱର୍ଯ୍ୟା ତ୍ରିପାଠୀ, ନର୍ସିଙ୍ଗ ଅଫିସର ମମତା ମିଶ୍ର, ବରିଷ୍ଠ ଟେକ୍ନିସିଆନ ବିଜୟ ସେନାପତି, ଜୁନିଅର ମେଡିକାଲ ମ୍ୟାନେଜର ରଶ୍ମିପ୍ରଭା ସାମଲ, ପ୍ରଫୁଲ୍ଲ ସାହୁ, ବିଜୟ ନାୟକ, ଅବନୀ ନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।



କାମାକ୍ଷାନଗର ମେଡିକାଲ କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।

## ଲଜ୍‌ରୁ ୪ ଯୁବତୀ, ୭ ଯୁବକ ଧରାପଡ଼ିଲେ

ଢେଙ୍କାନାଳ ଅଫିସ, ୨୦।୮ (ରତନ ନାୟାର)

ଢେଙ୍କାନାଳ ସହର ମହାବୀର ବଜାର ଜଗନ୍ନାଥ ରୋଡ଼ ଅଞ୍ଚଳରେ ଥିବା 'ମେନକା' ଲଜରେ ମଙ୍ଗଳବାର ଅପରାହ୍ନ ସାଢେ ୪ଟା ସମୟରେ ଟାଉନ ଥାନା ପୋଲିସ ଚଢ଼ାଉ କରି ୪ ଯୁବତୀ ଓ ୭ ଜଣ ଯୁବକଙ୍କୁ ଧରି ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଚଢ଼ାଉ ସମୟରେ ଲଜ୍‌ରୁ ବିଅର, ବିଦେଶୀ ମଦ ସହ କିଛି ଆପତ୍ତିଜନକ ସାମଗ୍ରୀ ମଧ୍ୟ ପୋଲିସ ଜବତ କରିଛି। ଲଜ୍‌ରେ ଯୌନ କାରବାର ଚାଲିଥିବା ସନ୍ଦେହରେ ପୋଲିସ ପକ୍ଷରୁ ଖୋଳତାଡ଼ ଚାଲିଛି। ଅଟକ ଥିବା ଯୁବତୀଯୁବକମାନେ ନୟାଗଡ଼, ଖୋର୍ଦ୍ଧା, କଟକ ଓ ଅନୁଗୋଳ ଜିଲାର ବିଭିନ୍ନ ଅଞ୍ଚଳରେ ବୋଲି ପୋଲିସ ସୂଚନା ଦେଇଛି। ଅଟକଙ୍କ ମଧ୍ୟରେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନାଥରା ଗ୍ରାମର ଜଣେ ସହକାରୀ ଯନ୍ତ୍ରୀ ଥିବା ଜଣାପଡ଼ିଛି। ସଦର ଏସଡ଼ିପିଓ ବିଭୁତି ଭୁଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ଏହି ଚଢ଼ାଉ କରିଥିଲେ।

## 'ରାଜୀବ ଗାନ୍ଧୀଙ୍କ ଶାସନ ପଦ୍ଧତି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ'


ଜୟନ୍ତୀ ପାଳନ ଅବସରରେ କଂଗ୍ରେସ କର୍ମୀମାନେ।

ଢେଙ୍କାନାଳ ଅଫିସ, ୨୦।୮ (ରତନ ନାୟାର)

ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ସଭାପତିତ୍ୱରେ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ପାଳିତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୀବନୀ ଏବଂ ପ୍ରଧାନମନ୍ତ୍ରୀ ଥିବା ସମୟରେ ଦେଶ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶାସନ ବ୍ୟବସ୍ଥାକୁ ସରଳୀକରଣ, ଟେଲିକମ୍ୟୁନିକେଶନ୍, ସୂଚନା ପ୍ରଯୁକ୍ତି ବିଦ୍ୟା, ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ, ଅର୍ଥନୈତିକ କ୍ଷମତା ପ୍ରଦାନ, ବିଜ୍ଞାନ ଏବଂ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି, ଭୋଟ ଦେବାର ଯୋଗ୍ୟତା ବୟସକୁ ୧୮କୁ କମାଇବା ଆଦି ରାଜୀବ ଗାନ୍ଧୀଙ୍କ ଶାସନ କାଳରେ ଆରମ୍ଭ ହୋଇଥିଲା। ଦେଶରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ରାଜୀବ ଗାନ୍ଧୀ ଆସାମ, ମିଜୋରାମ, ପଞ୍ଜାବ, ଶ୍ରୀଲଙ୍କା ଶାନ୍ତି ପ୍ରସ୍ତାବ ଆଣିଥିଲେ। ରାଜୀବ ଗାନ୍ଧୀ ସବୁ ପଡୋଶୀ ରାଷ୍ଟ୍ର ବିଶେଷ କରି ପାକିସ୍ତାନ ଓ ଚାଇନା ସହିତ ସୁସମ୍ପର୍କ ସ୍ଥାପନ କରିଥିଲେ। ରାଜୀବ ଗାନ୍ଧୀଙ୍କର ଦୂରଦୃଷ୍ଟି, ଶାସନ ପଦ୍ଧତି, ସାହସିକତା ଭାରତର ରାଜନୈତିକ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ସଭାରେ ବରିଷ୍ଠ ନେତା ଡାକ୍ତର ତୁଷାରକାନ୍ତି ନାୟକ, ନିଶାକର ସାହୁ, ସରୋଜ ସତପଥି, ବେଣୁଧର ସାହୁ, ଗୟାରାମ ସେଠୀ, ସ୍ମିତାରାଣୀ ସାମଲ, ନୁରୁଲ୍ ଇସ୍‌ଲାମ୍, ଡମ୍ବରୁଧର ସେଠୀ, ରୁଦ୍ର ପ୍ରକାଶ ଶରଣ, ଆଶୁତୋଷ ସ୍ୱାଇଁ, ପ୍ରତାପ କୁମାର ମହାନ୍ତି, ପ୍ରମୋଦ ମହାପାତ୍ର, ବିଜୟ କୁମାର ସ୍ୱାଇଁ, ମହମ୍ମଦ ଆର୍ସଦ, ଜାବିର ବକ୍ସ ପ୍ରମୁଖ ରାଜୀବ ଗାନ୍ଧୀଙ୍କ ସ୍ମୃତି ଚାରଣ କରିଥିଲେ। ଉର୍ମିଳା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜରଙ୍ଗ କ୍ଲବ୍ ତରଫରୁ ଗୋପୂଜନ

ଢେଙ୍କାନାଳ ଅଫିସ, ୨୦।୮ (ରତନ ନାୟାର)

ବଳରାମଙ୍କ ଜନ୍ମ ଓ ଗହ୍ମା ପୂର୍ଣ୍ଣିମା ଅବସରରେ ଗୋ'ମାତାଙ୍କୁ ପୂଜନ କରିବା ପରମ୍ପରା ବୈଦିକ ଯୁଗରୁ ଚାଲିଆସିଛି। ଗାଈକୁ ମା'ସହ ତୁଳନା କରାଯାଇଛି। ମା' ଯେପରି ପିଲାମାନଙ୍କୁ ଅମୃତ ପ୍ରଦାନ କରି ସନ୍ତାନମାନଙ୍କୁ ପାଳନ କରିଥାଏ, ସେହିପରି ଗୋ ମାତା ମଧ୍ୟ ମାନବ ସମାଜକୁ ଅମୃତ ପ୍ରଦାନ କରି ପାଳନ କରିଥାଏ। ସେଥିପାଇଁ ଗାଈକୁ ମାତା ରୂପରେ ବିବେଚନା କରାଯାଇ ଗହ୍ମା ପୂର୍ଣ୍ଣିମା ଦିନ ପୂଜା କରାଯାଏ। ଗହ୍ମା ପୂର୍ଣ୍ଣିମା ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବଜରଙ୍ଗ କ୍ଲବ ତରଫରୁ ଗୋ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଗଛକୁ ରାଖୀ ବାନ୍ଧି ରକ୍ଷାବନ୍ଧନ ପାଳନ କରାଯାଇଥିଲା। କ୍ଲବର ସଦସ୍ୟମାନେ ସନ୍ଧ୍ୟାରେ ଗୋ ମାତାଙ୍କୁ ପୂଜା ଅର୍ଚ୍ଚନା କରି ଖାଦ୍ୟ ପ୍ରଦାନ କରିଥିଲେ। ଜନମାନସରେ ଗୋ ମାତାଙ୍କ ପ୍ରତି ଭଲ ପାଇବା ଓ ସେବା ଯତ୍ନ ନେବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି ପାଇଁ କ୍ଲବ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଚାଲୁରହିଛି। କ୍ଲବ ସଦସ୍ୟ କୃଷ୍ଣଚନ୍ଦ୍ର ନାୟକ, ଦେବାଶିଷ ମହାପାତ୍ର, ଶୁଭମ୍ ଗୁରୁମ୍, ଅମର ବେହେରା, ରାଜେନ୍ଦ୍ର ମହାପାତ୍ର, ବବୁଲ୍ ଦାସ, ରାଘବେନ୍ଦ୍ର ଭୂଷଣ୍ଡ, ସୂର୍ଯ୍ୟପ୍ରକାଶ ବେହେରା, ଜ୍ୟୋତି ପ୍ରକାଶ ବେହେରା, ରୁଦ୍ରନାରାୟଣ ବେହେରା, ସାଗର ରଣା, ଦୀପ୍ତିରଞ୍ଜନ ମିଶ୍ର, ରାକେଶ କର, ବାପୁନୀ ନାୟକ, ଅଂଶୁମାନ ଦାସ, ରୁଦ୍ରନାରାୟଣ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।


ବଜରଙ୍ଗ କ୍ଲବର ସଦସ୍ୟମାନେ ଗୋ ପୂଜା କରୁଛନ୍ତି।

# ପୂଜାରେ ୩ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲିବ

## କେନ୍ଦ୍ରୀୟ କମିଟି ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ

ତାଳଚେର, ୨୦।୮ (ମନୋଜ ନନ୍ଦ)

ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ପାଳନ ପାଇଁ ମଙ୍ଗଳବାର ଉପଜିଲାପାଳଙ୍କ କନ୍‌ଫରେନ୍ସ ହଲଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଳଚେର କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସଭାପତି ତଥା ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଦିଲୀପ ପାଣି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଗଣେଶ ପୂଜା ସମୟରେ ଆଇନ ଶୃଙ୍ଖଳା ରକ୍ଷାକରିବା, ପାନୀୟ ଜଳ ଯୋଗାଣ କରିବା, ରାସ୍ତାଘାଟ ମରାମତି କରିବା, ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ପଦକ୍ଷେପ ନେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ତାଳଚେର ଏସ୍‌ଡିପିଓ ତଥା କମିଟିର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ବାରିକ ପୂଜା ଓ ଭସାଣି ସମୟରେ କିପରି ଶୋଭାଯାତ୍ରା ସୂଚାରୁ ରୁପେ ସମ୍ପାଦନ ହେବ ତା'ର ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରିବେ। ମେଢ଼ ପେଣ୍ଡାଲ ଉଚ୍ଚତା ୧୨ ଫୁଟ ଓ ବିଦ୍ୟୁତ୍ ତାର ଉଚ୍ଚତା ୧୫ଫୁଟ ମଧ୍ୟରେ ସୀମିତ ରଖିବା ପାଇଁ କୁହାଯାଇଥିଲା। ପରିମଳ, ରାସ୍ତାଘାଟ ନିର୍ମାଣ, ମୁକୁଳା ଡ୍ରେନରେ ସ୍ଲାବ ପକାଇବା ଇତ୍ୟାଦି କାର୍ଯ୍ୟ ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂଜା ସମୟରେ ସ୍ୱାସ୍ଥ୍ୟ ସେବା ପାଇଁ ତିନୋଟି ସ୍ଥାନରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲାଯିବା ସହ ଖାଦ୍ୟପେୟକୁ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କୋଇଲା ପରିବହନ ନିମନ୍ତେ ଚଳାଚଳ କରୁଥିବା ଟ୍ରେନ, ଟ୍ରକ୍‌ଗୁଡ଼ିକ ଅପରାହ୍ନ ୩ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ବନ୍ଦ ରଖାଯିବା ନେଇ ଆଲୋଚନା କରାଯାଇ ସେପ୍ଟେମ୍ବର ୭ରୁ ୧୮ତାରିଖ ପର୍ଯ୍ୟନ୍ତ ଲାଗୁ କରିବା ପାଇଁ କୁହାଯାଇଥିଲା। ଉପଦେଷ୍ଟା କେଶବ ଭୂତିଆ, ଉପସଭାପତି ପ୍ରକାଶ ମହାରଣା, ସହ ସମ୍ପାଦକ ସୌଭାଗ୍ୟ ମହାରଣା ଓ ଜ୍ଞାନ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ରଞ୍ଜିତ ମହାପାତ୍ର, ଅଶୋକ ଶତପଥୀ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବବୁଲୁ ମହାରଣା, ପିଏଚ୍‌ଡି ଯନ୍ତ୍ରୀ ଜଳଧର ଦେବତା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ (ନିର୍ବାହୀ) ମଧୁସ୍ମିତା ବାସ୍କେ, ମିଡିଆ ସେଲ ସଂଯୋଜକ ତପନ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ଶେଷରେ ଉପସଭାପତି ରଶ୍ମିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ କମିଟି ସଦସ୍ୟମାନେ ଆଲୋଚନା କରୁଛନ୍ତି।

